## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ବାହାନଗା,(ଅରୂପ୍ କୁମାର ଦାସ): ବାହାନଗା ବ୍ଲକ ପରପଣା ପଞ୍ଚାୟତ ବେଗୁନିଆ ଗ୍ରାମ ୫ନଂ. ୱାର୍ଡର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ଦିବ୍ୟଲୋଚନ ବେହେରା (୪୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ରବିବାର ସକାଳେ ବିଲକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୪) ରୁଜୁ ହୋଇଛି।

**ବାଲେଶ୍ୱର**

## ସଂକ୍ଷେପରେ

### ସୁବର୍ଣ୍ଣରେଖାରେ ନଦୀ ଆଳତି

ବାଲେଶ୍ୱର,୧୮।୮(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ରାଜଘାଟସ୍ଥିତ ସୁବର୍ଣ୍ଣରେଖା ନଦୀର ବାରୁଣି ଘାଟରେ ମହାନଦୀ ଆବାହନ ସମିତି ଏବଂ ନଦୀ ବଞ୍ଚାଅ ସମିତି ପକ୍ଷରୁ ନଦୀ ଆଳତି କରାଯାଇଛି। ମହାନଦୀ ବଞ୍ଚାଅ କମିଟିର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ୧୦୮ ଘିଅ ଦୀପ ଜାଳି ନଦୀର ସୁରକ୍ଷା ଦିଗରେ ସମସ୍ତେ ଶପଥ ପାଠ କରିଥିଲେ। ଉତ୍ତର ବାଲେଶ୍ୱରର ଜୀବନ ରେଖା କୁହାଯାଉଥିବା ସୁବର୍ଣ୍ଣରେଖା ନଦୀ ଏବେ ମୃତ ପ୍ରାୟ। ବର୍ଷ ତମାମ୍ ଶୁଖିଲା ପଡ଼ିବା ସହିତ ବର୍ଷା ଋତୁରେ ମଧ୍ୟ ଏହି ନଦୀରେ ପାଣି ନାହିଁ। ନଦୀ ଗର୍ଭ ପୋତି ହୋଇଗଲାଣି। ଦିନେ ଏହି ନଦୀ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରିଥିଲେ ନଦୀ କୂଳିଆବାସୀ। ନଦୀକୁ ବଞ୍ଚାଇ ରଖିବା ସହିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ହୋଇଛି। କେବଳ ସୁବର୍ଣ୍ଣରେଖା ନଦୀ ନୁହେଁ ଓଡ଼ିଶାର ପ୍ରାୟତଃ ସମସ୍ତ ନଦୀର ଅବସ୍ଥା ସଙ୍ଗୀନ, ତେଣୁ ନଦୀଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ମହାନଦୀ ଅବାହନ କମିଟି ସରକାରଙ୍କୁ ନିବେଦନ କରିବା ସହିତ ପ୍ରତି ମାସର ସଂକ୍ରାନ୍ତି ଦିନ ନଦୀ ଆଳତି କାର୍ଯ୍ୟକ୍ରମ କରାଯାଉଛି। ଭିଟାମାଟି ସୁରକ୍ଷା କମିଟି ସଭାପତି ଅରୁଣ କୁମାର ଜେନା, ଅଞ୍ଜଳି ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଓ ପଦ୍ମନାଭ ବେହେରାଙ୍କ ସମେତ ବହୁ ମହିଳାପୁରୁଷ ସାମିଲ ଥିଲେ।

### ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ବାହାନଗା,୧୮।୮(ଅରୂପ୍ କୁମାର ଦାସ): ଖନ୍ତାପଡ଼ା ଥାନା ଅଧୀନ ଶଙ୍ଖୁଆ ଗ୍ରାମ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କାର୍ତ୍ତିକ ବରାଳଙ୍କ ପୁଅ ଚନ୍ଦନ ବରାଳ(୨୨)। ଚନ୍ଦନ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପୋଖରୀ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖନ୍ତାପଡ଼ା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୪) ରୁଜୁ ହୋଇଛି।

### ଗଣ୍ଡିବେଢ଼ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଖଇରା,୧୮।୮(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଢ଼ସ୍ଥିତ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଦିବାକର ରାଉଳ(୮୧)ଙ୍କର ଶନିବାର ଅପରାହ୍ନରେ ପରଲୋକ



ହୋଇଯାଇଛି। ଗଣ୍ଡିବେଢ଼ ତଥା ଆଖପାଖ ଅଞ୍ଚଳର ସମସ୍ତ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗ ରହୁଥିଲା। ଜୀବନର ସଞ୍ଚିତ ଅର୍ଥରେ ସେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ସହ ଧର୍ମକାର୍ଯ୍ୟ ପାଇଁ ମଧ୍ୟ ବିନିଯୋଗ କରି ଆସୁଥିଲେ। ତାଙ୍କ ମୃତ୍ୟୁରେ ଗଣ୍ଡିବେଢ଼ ଆଞ୍ଚଳିକ ଉନ୍ନୟନ ପରିଷଦ, ବଣିକ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।

# ବଞ୍ଚିଛି ପରମ୍ପରା, ବଦଳି ଯାଇଛି ଚଳଣି

## ଭଉଣୀ ଭାଇଙ୍କ ସମ୍ପର୍କର ପର୍ବ ରାଖୀ ପୂର୍ଣ୍ଣମୀ



ଭାଇ ହାତରେ ରାଖି ବାନ୍ଧୁଥିବା ଭଉଣୀ।

ବାଲେଶ୍ୱର,୧୮।୮(ବାଞ୍ଛାନିଧି ଦେ)

ଭଉଣୀ ଭାଇଙ୍କ ସମ୍ପର୍କର ପର୍ବ ରାକ୍ଷୀ। ଭଉଣୀଟିଏ ଶୁଭ ମନାସି ଭାଇ ହାତରେ ରାଖୀ ବାନ୍ଧିଥାଏ। ଏହା କେବଳ ରାଖୀ ନୁହଁ, ବରଂ ଆତ୍ମୀୟତାର ଡୋର। ଭଉଣୀ ରାଖୀ ବାନ୍ଧିବା ପରେ ଭାଇ ତାର ସୁରକ୍ଷା, ସମ୍ମାନ ପାଇଁ ପ୍ରତିଶ୍ରୁତି ଦିଏ। ଭଉଣୀ ମଧ ଭାଇର ଶୁଭ ମନାସୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ। ପ୍ରୀତି ଓ ମୈତ୍ରୀର ପର୍ବ ଏହି ରକ୍ଷା ବନ୍ଧନ ପରମ୍ପରା କାହିଁ କେତେଦିନରୁ ଚଳିଆସୁଛି। ହେଲେ ଆଜିର ବ୍ୟସ୍ତବହୁଳ ଜୀବନରେ ଏହି ପର୍ବକୁ ଉପଭୋଗ କରିବାକୁ ଅନେକଙ୍କ ପାଖରେ ସମୟ ନାହିଁ। ଏବେ ଆଧୁନିକତାକୁ ଆଣପାଇ ହ୍ୱାଟସଆପ୍, ଫେସବୁକ୍ ଭଳି ସୋସିଆଲ ମିଡିଆରେ ଭଉଣୀ ଭାଇମାନେ ରକ୍ଷାବନ୍ଧନ ପର୍ବ ପାଳନ କରୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଧୀରେ ଧୀରେ ଆତ୍ମୀୟତା ଓ ଆନ୍ତରିକତା କମିବାରେ ଲାଗିଛି। ପରମ୍ପରା ବଞ୍ଚିଛି ସତ, ହେଲେ ଆଗ ଭଳି ଏ ଦିଗରେ ଆଉ ଆଗ୍ରହ ଓ ଉଦ୍ଦୀପନା ନାହିଁ।

### ଏମାନେ ଯାହା କୁହନ୍ତି

"ଆମେ ତିନି ଭଉଣୀ। ଆମର ଭାଇ ନାହିଁ। ବଡ଼ବାପାଙ୍କ ପୁଅ ଭାଇ ହାତରେ ପ୍ରତିବର୍ଷ ରାଖୀ ବାନ୍ଧେ। କିଛିବର୍ଷ ଧରି ଦିଲୀରେ ରହୁଥିବାରୁ ଗାଁକୁ ଯାଇ ନ ପାରି ରାଖୀ ଓ ମିଠା ପାଇଁ ଫୋନ୍ ପେ ମାଧ୍ୟମରେ ଟଙ୍କା ପଠାଇ ପର୍ବ ପାଳନ କରିଥାଏ।

**-ସ୍ୱୟଂସ୍ନିଗ୍ଧା ଦାସ, ରୂପ୍‌ସା**

"ମୋର ଭାଇ ନ ଥିବାରୁ ମୁଁ ପ୍ରତିବର୍ଷ ଠାକୁରଙ୍କ ନିକଟରେ ରାଖୀ ବାନ୍ଧେ। ଏହାପରେ ଆମେ ଭଉଣୀଭଉଣୀ ଭିତରେ ରାଖୀ ବାନ୍ଧି ଖୁସି ମନାଉ।

**-ତପସ୍ୱିନୀ ପ୍ରଧାନ,ବାଲେଶ୍ୱର ସହର**

"ମୋର ନିଜର ତଥା ଆମ ପରିବାରରେ ଭଉଣୀ ନାହାନ୍ତି। କେହି ରାଖୀ ବାନ୍ଧନ୍ତି ନାହିଁ ବୋଲି ଏହି ଦିନ ହାତ ଖାଲି ରହିଥାଏ। ସାଙ୍ଗସାଥୀମାନଙ୍କୁ ଦେଖି ଅବଶ୍ୟ ମନ ଦୁଃଖ ହୁଏ।

**- ଜ୍ୟୋତିରଞ୍ଜନ କାମିଲା, ଫୁଲାଡ଼ି**

"ବର୍ଷକୁ ବର୍ଷ ରାଖୀ ବ୍ୟବସାୟ କମିବାରେ ଲାଗିଛି। ତଥାପି ବ୍ୟବସାୟ ଜାରି ରହିଛି। ଚଳିତବର୍ଷ ଷ୍ଟୋନ୍ ରାଖୀର ଚାହିଦା ଅଧିକ ଥିବାରୁ ବ୍ୟବସାୟ ଭଲ ହୋଇଛି। **-ବାପୁ ପ୍ରଧାନ, ରାଖୀ ବ୍ୟବସାୟୀ, ସୁନହଟ**

# ରବୀନ୍ଦ୍ର ସିଂ ସଭାପତି, ଅନିରୁଦ୍ଧ ଗଜ ସାଧାରଣ ସମ୍ପାଦକ

## ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପରିଷଦର କର୍ମକର୍ତ୍ତା ମନୋନୟନ



ସାଧାରଣ ସଭାରେ ମଞ୍ଚାସୀନ ଅତିଥି।

ଖଇରା,୧୮।୮(ଉତ୍କଳବନ୍ଧୁ ପଣ୍ଡା)

ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ଆନୁକୂଲ୍ୟରେ ଖଇରା ବ୍ଲକସ୍ତରୀୟ ସାଧାରଣ ସବା ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ସୁବ୍ରତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ବିଡିଓ ଅନନ୍ତ କୁମାର ହାଁସଦା, ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ଦାସ, ଜିଲା ସଭାପତି ପ୍ରସନ୍ନ ଦାସ, ଯୁଗ୍ମ ସମ୍ପାଦକ ପ୍ରମୋଦ ରାମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତିମାନେ ଭୋଗୁଥିବା ସମସ୍ୟା ଓ ଏହାର ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ପରେ ବ୍ଲକସ୍ତରରେ କର୍ମଚାରୀଙ୍କ କଲ୍ୟାଣ ପାଇଁ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ରବୀନ୍ଦ୍ର କୁମାର ସିଂ ସଭାପତି, ଅନିରୁଦ୍ଧ ଗଜ ସାଧାରଣ ସମ୍ପାଦକ, ଭରତ ଶିଅଳ କାର୍ଯ୍ୟକାରୀ ସଭାପତି, ବୁଦ୍ଧଦେବ ନାୟକ ଯୁଗ୍ମ ସମ୍ପାଦକ, ଦ୍ରୁପଦ ନାୟକ ସଙ୍ଗଠନ ସମ୍ପାଦକ, ଚନ୍ଦ୍ରିକା ସିଂ ସାଂସ୍କୃତିକ ସମ୍ପାଦକ, ହରିହର ଶିଅଳଙ୍କୁ ଅଡିଟର ରୁପେ ମନୋନୀତ କରାଯାଇଥିଲା।

# ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ପୀଠରେ ଲକ୍ଷାଧିକ କାଉଡ଼ିଆ



ସୁବର୍ଣ୍ଣରେଖା ପନ୍ତେଇ ଘାଟରେ ଭିଡ଼ ଜମାଇଥିବା କାଉଡ଼ିଆ।

ଭୋଗରାଇ,୧୮।୮(ପ୍ରଦୀପ ଦାସ)

ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଚନ୍ଦନେଶ୍ୱର ଏବଂ ଭୂଷଣ୍ଡେଶ୍ୱର ପୀଠରେ ରବିବାର ଲକ୍ଷାଧିକ ଶୈବଭକ୍ତଙ୍କ ସମାଗମ ହୋଇଥିଲା। କାଉଡ଼ିଆମାନେ ରାତି ସାରା ଜଳାଭିଷେକ କରିଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଅସଂଖ୍ୟ କାଉଡ଼ିଆ ଆସିଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସୁବର୍ଣ୍ଣରେଖା ରାଜଘାଟ, ବାଘାବାଲୀ ଓ ପନ୍ତେଇ ଘାଟରେ ୨ଟି ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗକୁ ସଜାଗ ରଖାଯାଇଥିବା ବେଳେ ଜଳେଶ୍ୱର ଓ ଭୋଗରାଇର ବିଭିନ୍ନ ସ୍ଥାନରେ ୧୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୮୦ ହୋମଗାର୍ଡ଼, ୬୦ କନଷ୍ଟେବଲ, ୫୬ ଏଏସ୍ଆଇ, ୪୪ ଇନ୍ସପେକ୍ଟର, ୭ ଡିଏସ୍‌ପି ଓ ଜଣେ ଆଡିସନାଲ ଏସ୍‌ପି ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ନିୟୋଜିତ ହୋଇଥିବା ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚନ୍ଦନେଶ୍ୱର ମନ୍ଦିରର ମୌରସୀ ତପନ କୁମାର ପଣ୍ଡା ଓ ଉପ ମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେବାୟତଙ୍କ ଦ୍ୱାରା ନୀତିକାନ୍ତି ପୂଜା ଓ ମହା ରୁଦ୍ରାଭିଷେକ କରାଯାଇ ରାତି ୯ଟାରେ ମନ୍ଦିର ମୁଖ୍ୟ କବାଟ ଫିଟା ଯାଇଥିଲା। ଚନ୍ଦନେଶ୍ୱର ବିଜୁପଟ୍ଟନାୟକ ଗୋଲେଇଠାରୁ ମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇ ଭିଡ଼କୁ ନିୟନ୍ତ୍ରଣ କରାଯାଇଥିଲା। ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ବାଲେଶ୍ୱର ଏସ୍‌ପି ସାଗରିକା ନାଥ ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ, ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ। ଚନ୍ଦନେଶ୍ୱରରେ ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଅଧିକାରିଣୀ ହରପ୍ରିୟା ମହାନ୍ତଙ୍କ ନେତୃତ୍ୱରେ କର୍ମଚାରୀମାନେ ୨ଟି ଭ୍ରାମ୍ୟମାଣ ପାଣି ଟାଙ୍କି ଓ ପାଣି ପାଉଚ ଯୋଗାଇ ଦେଇଥିଲେ। ଥାନାଛକଠାରେ ସତ୍ୟସାଇ ସଂଗଠନ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସେବା କାର୍ଯ୍ୟ ତୁଲାଇ ଥିବାବେଳେ କମର୍ଦ୍ଦା ଓ ଥାନାଛକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇଥିଲା।

# ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ନୀଳଗିରି,୧୮।୮(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ରାଜସ୍ୱ ବିଭାଗ ଅଧୀନରେ ଦୈନନ୍ଦିନ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ନେଇ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନସଚିବ ଏବଂ ଖଣି ଓ ଇସ୍ପାତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ନୀଳଗିରି ନିର୍ବାଚନ ମଣ୍ଡଳୀରେ ପ୍ରଚୁର ପରିମାଣର ଲଘୁ ଖଣିଜ ସମ୍ପଦ ରହିଛି। ମାଫିଆମାନେ ଚୋରାରେ ଖଣିଜ ସମ୍ପଦ ଉତ୍ତୋଳନ କରି ମାଲେମାଲ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ନୀଳଗିରି ତହସିଲ ଅଧୀନରେ ଥିବା ନରଣପୁର, ଭଉଁରିଆବାଡ଼, ଗରଡ଼ିହି, ବରହମପୁର ଏବଂ ଔପଦା ବ୍ଲକ ବଉଳଗଡ଼ିଆ ଅଞ୍ଚଳରେ ଶହଶହ ଟ୍ରିପ୍ ମୋରମ ବେଆଇନ୍ ଭାବେ ଚୋରାଚାଲାଣ ହେଉଥିବା ବେଳେ ସୋନ ନଦୀ ପଠା ନରସିଂହପୁର, କାଠପାଳ, କୁଲ୍ହାପାଳ, ଡୁମଗଣ୍ଡିରା ଅଞ୍ଚଳରେ ବ୍ୟାପକ ବାଲି ଉତ୍ତୋଳନ କରାଯାଉଛି। ଏଥିସହିତ ନୀଳଗିରି ତହସିଲ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ବାଘମରା ଓ ବେଗୁନିଆ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ପଥର ବ୍ଲାଷ୍ଟିଂ ହେଉଥିବା ନେଇ ପୂର୍ବତନ ବିଧାୟକ କ୍ଷୋଭ ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ବାହାନଗା,୧୮।୮(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଅଧୀନ ବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୮ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୋପନ କୁମାର ଦେ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ ଆଦି ପ୍ରତିଯୋଗିତା ଆୟୋଜିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦର ସଭ୍ୟ ଲେନିନ୍ ପଣ୍ଡାଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଶିକ୍ଷକ ଦେ ସଭାପତିତ୍ୱ କରିଥିଲେ। ବିଭୂ ଶଙ୍କର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଲଳିତ କୁମାର ମହାରଣା, ସଂଗ୍ରାମ ଶତପଥୀ, କାର୍ତ୍ତିକ ମହାପାତ୍ର, ରୋହିତାସ ସିଂ, ଶିକ୍ଷୟିତ୍ରୀ ରୋକ୍‌ମଣୀ ମୁର୍ମୁ, ସସ୍ମିତା ଲେଙ୍କା, ଶିକ୍ଷକ ଦେବେନ୍ଦ୍ର ନାଥ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଅତନୁ କୁମାର ନାୟକ ଶେଷରେ ଧନ୍ୟବାଦ ଦେଇଥିଲେ।

# ୟୁକୋ ବ୍ୟାଙ୍କ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ




ବାଲେଶ୍ୱର,୧୮।୮

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ୟୁକୋ ବ୍ୟାଙ୍କ ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ୭୮ତମ ସ୍ୱାଧୀନତା ଦିବସ ପାଳନ ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିଭଳି ଜାତୀୟ ପତାକା ଉତ୍ତୋଳନ କରିବା ସହ ସାଧାରଣ ସଭାକୁ ସମ୍ବୋଧିତ କରି ୟୁକୋ ବ୍ୟାଙ୍କର କ୍ଷେତ୍ରୀୟ ପ୍ରମୁଖ ସୁଦୀପ୍ ଡାକୁଆ କହିଥିଲେ, ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ମହିଳାମାନେ ପ୍ରତିଟି କ୍ଷେତ୍ରରେ ଆଗକୁ ଆସିବାର ଆବଶ୍ୟକତା ରହିଛି। ଏପରିକି ଭାରତକୁ ଏକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସମାଜର ସର୍ବନିମ୍ନସ୍ତରର ବ୍ୟକ୍ତିଙ୍କୁ ମଧ ମୁଖ୍ୟସ୍ରୋତକୁ ଆଣିବାକୁ ପଡ଼ିବ। ଏହି ଅବସରରେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନ ଅନ୍ତର୍ଗତ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅଯୋଧ୍ୟା ଉଚ୍ଚ ବିଦ୍ୟାଳୟ ନୂଆପାଡ଼ାଠାରେ କ୍ଷେତ୍ରୀୟ ପ୍ରମୁଖ ଡାକୁଆଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ପରିଶେଷରେ ବାଲେଶ୍ୱର ଅଞ୍ଚଳ କାର୍ଯ୍ୟାଳୟରୁ ସ୍ୱାମୀ ବିବେକାନନ୍ଦ ମାର୍ଗ ପର୍ଯ୍ୟନ୍ତ ଏକ ବାଇକ୍ ରାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଅଞ୍ଚଳ କାର୍ଯ୍ୟାଳୟ, ବାଲେଶ୍ୱର ମୁଖ୍ୟ ଶାଖା, ଅଜିମାବାଦ, ବିର୍ଲା ଟାୟାର ଓ ଗଣେଶ୍ୱରପୁର ଶାଖା ଆଦି ଭାଗ ନେଇଥିଲେ।

# ବଜ୍ରପାତରେ ଚାଷୀ ମୃତ, ୪ ଆହତ

ସୋର,୧୮।୮(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋର ବ୍ଲକ ନଟାପଡ଼ା ପଞ୍ଚାୟତ ୱାଦା ଗ୍ରାମର ଅନାଦି ଚରଣ ମଳିକଙ୍କ ପୁଅ ହରିଶ (୧୮)। ରବିବାର ସକାଳେ ହରିଶ ବିଲରେ ଚାଷ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କ ପରିବାରର ଅନ୍ୟ ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ହରିଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ୪ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଯାଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ଲୋକଙ୍କ ସମସ୍ୟାର ସମାଧାନ କର'

## ଜିଲାପାଳଙ୍କ ବାଲିଆପାଳ ଗସ୍ତ

ବାଲିଆପାଳ,୧୮।୮(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲାର ନୂତନ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲିଆପାଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବାଲିଆପାଳ ବ୍ଲକ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଜନକ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ମୁକୁଳ ବାରିକ, ଯନ୍ତ୍ରୀ ପ୍ରେମାନନ୍ଦ ଚଇନିଙ୍କ ସମେତ ସମସ୍ତ କର୍ମଚାରୀମାନେ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲାପାଳ ଜଣଜଣ କରି ସମସ୍ତ କର୍ମଚାରୀଙ୍କ ସହିତ କଥା ହେବା ସହିତ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ସହିତ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ କହିଥିଲେ। ଏ ଦିଗରେ ଯଦି କେହି ଅବହେଳା କରିନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ବ୍ଲକ ଅଞ୍ଚଳରେ ଯେଉଁ ସବୁ କାର୍ଯ୍ୟ ଚାଲୁ ରହିଛି ବା ଅଧାପନ୍ତରିଆ ରହିଛି ସେହି କାର୍ଯ୍ୟ ତୁରନ୍ତ ସାରିବା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ବିଭିନ୍ନ ପ୍ରକାରର ଭତ୍ତା, ଯୋଗାଣ ବିଭାଗ ସହିତ ବ୍ଲକର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଫିସର କର୍ମଚାରୀଙ୍କୁ ସଜାଗ ରହି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# 'ପାନ ଚାଷକୁ କୃଷିର ମାନ୍ୟତା ମିଳୁ'

## ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ବୈଠକ

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ),୧୮।୮

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଳାଡ଼ିହା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ଆନୁକୂଲ୍ୟରେ ପାନଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଆବାହକ ବିକାଶ ଗିରିଙ୍କ ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ସଭାପତି ଧୀରେନ୍ଦ୍ର ନାଥ ହାଜିରା ସଭାପତିତ୍ୱ କରିଥିଲେ। ସମ୍ପାଦକ ବୈରାଗୀ ଦାସ ପୂର୍ବ ବୈଠକର ବିବରଣୀ ପାଠ କରଥିଲେ।

ବାଲିଆପାଳ ଏକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ପାନଚାଷୀ ଦୈବୀ ଦୁର୍ବିପାକର ସମ୍ମୁଖୀନ ହୋଇଥାନ୍ତି। ଫଳରେ ସେମାନଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥାଏ। ଯଦ୍ୱାରା ପାନଚାଷଠାରୁ ଚାଷୀକୁଳ ମୁହଁ ଫେରାଇ ନେବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ଅଦ୍ୟାବଧି ପାନ ଚାଷକୁ କୃଷିର ମାନ୍ୟତା ନ ଦେବା ଦ୍ୱାରା ପାନକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହିଁ। ପାନ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଚାଷୀ ଉକ୍ତ ଚାଷରୁ ହିଁ ଗୁଜୁରାଣ ମେଣ୍ଟାଇବା ସହ ପରିବାର ପ୍ରତିପୋଷଣ କରିଥାନ୍ତି। କେବଳ ପାନଚାଷୀ ନୁହନ୍ତି, ପରୋକ୍ଷରେ ପାନ ବରଜରେ ବ୍ୟବହୃତ ସାମଗ୍ରୀ ଯଥା ଜୁଣ, ଖଡ଼ି, ତାର ଇତ୍ୟାଦିର ବ୍ୟବସାୟୀ ଓ ଅନ୍ୟ ସାମଗ୍ରୀର ଚାଷୀ ମଧ୍ୟ କ୍ଷତିର ସମ୍ମୁଖୀନ ହେଉଛନ୍ତି। ତେଣୁ ପାନଚାଷକୁ କୃଷିର ମାନ୍ୟତା ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପସଭାପତି ଭକ୍ତହରି ଦାସ, ପାନଚାଷୀ ଶଚୀନ୍ଦ୍ର ପାତ୍ର, ସୃଷ୍ଟିଧର ନାୟକ, ମାଧବ ଚନ୍ଦ ପ୍ରମୁଖ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସରକାର ପାନଚାଷୀ ମାନଙ୍କର ହକ୍‌କୁ ଅଣଦେଖା କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ।

ପରେ ପରିଷଦର ଆବାହକ ଗିରିଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। କମିଟିର ସଦସ୍ୟ ଭାବେ ଉତ୍ତମ ଗାରୁ, ସନ୍ୟାସୀ ଦାସ, ଚକ୍ରଧର ମଣ୍ଡଳ, ତାପସ ବେହେରା, ବିଷ୍ଣୁପଦ ପରିଡ଼ା, ଶଚୀନ୍ଦ୍ର ପାତ୍ର, ଶତ୍ରୁଘ୍ନ ଗିରି, ବସନ୍ତ ପ୍ରଧାନ, ଅନନ୍ତ ବିଶ୍ୱାଳ, ଗଣେଶ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିଲା।




ବୈଠକରେ ଉପସ୍ଥିତ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ।

## ପୂର୍ବତନ ସମବାୟ ସମିତି ସଭାପତିଙ୍କ ସ୍ମୃତିଚାରଣ

ଧାମନଗର,୧୮।୮ (ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକ କଟସାହି ପଞ୍ଚାୟତର ଯୁବ ପ୍ରତିଭା ତଥା କଟସାହି ସେବା ସମବାୟ ସମିତିର ପୂର୍ବତନ ସଭାପତି, ସାମାଜିକ କର୍ମୀ ସ୍ୱର୍ଗତ ସୁଶାନ୍ତ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ବାସଭବନ ମହାଦେବ ସାହିଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କବି ଦୟାନିଧି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ବ୍ୟୋମକେଶ ରାୟ, ସଞ୍ଜୀବ ମଳିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ପ୍ରଣବ ପ୍ରକାଶ ଦାସ, ମଳୟ ଜେନା, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ଭାରତ ବିଜୟ ଦଳାଇ, ପ୍ରକାଶ ବେହେରା, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ପ୍ରଦୀପ ମଲ୍ଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁଶାନ୍ତଙ୍କ ସ୍ମୃତିରେ ଏକ ପତ୍ରିକା ଉନ୍ମୋଚନ କରାଯାଇଥିଲା।

# ଫାଇଲରେ ଅଟକିଛି ରିଂରୋଡ୍ ପ୍ରକଳ୍ପ

- ସାଟେଲାଇଟ୍ ସର୍ଭେକୁ ପୂରିଲାଣି ୧୨ବର୍ଷ
- ଏଯାଏ ହୋଇପାରିଲାନି ଜମି ଅଧିଗ୍ରହଣ

ଭଦ୍ରକ,୧୮।୮(ସନାତନ ରାଉତ)

ଭଦ୍ରକ ସହରକୁ ଚତୁଃପାର୍ଶ୍ୱରୁ ସଂଯୋଗ ପାଇଁ ଏକ ପୂର୍ଣ୍ଣାଙ୍ଗ ରିଂରୋଡ୍ ନିର୍ମାଣ ସକାଶେ ସହରବାସୀ ଦୀର୍ଘଦିନ ଧରି ଦାବି କରି ଆସୁଛନ୍ତି। ସାଟେଲାଇଟ୍ ସର୍ଭେକୁ ଏହାମଧ୍ୟରେ ୧୨ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରିଂରୋଡ୍ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଫାଇଲ ଭିତରେ ପ୍ରକଳ୍ପ ଅଟକିଛି। ଅନ୍ୟପକ୍ଷେ ଏବେ ରିଂରୋଡ୍ କାର୍ଯ୍ୟ ଆରମ୍ଭ ପାଇଁ ଜିଲା ପ୍ରଶାସନ ସହ ସରକାରୀ ସ୍ତରରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିବା ବେଳେ ଜିଲାର ସମସ୍ତ ବ୍ଲକକୁ ଏହାସହ ଯୋଡ଼ିବାକୁ ଯୋଜନା କରାଯାଉଥିବା ଚର୍ଚ୍ଚା ହେଉଛି।

ଭଦ୍ରକ ସହରରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ରିଂରୋଡ୍ ନିର୍ମାଣ ପାଇଁ ୨୦୧୨ରେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ୍ରମେ ଟାଉନପ୍ଲାନିଂ ଅଫିସ ପକ୍ଷରୁ ସାଟେଲାଇଟ୍ ସର୍ଭେ କରାଯାଇ ରିପୋର୍ଟ ବିଭାଗକୁ ଦିଆଯାଇଥିଲା। ୨୦୧୭ରେ ଏହି ସର୍ଭେ ରିପୋର୍ଟ ସର୍ବସାଧାରଣଙ୍କ ଗୋଚରାର୍ଥେ ଜିଲାପାଳଙ୍କ ଦ୍ୱାରା ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇଥିଲା। ଗ୍ରୀନ୍‌ଫିଲ୍ଡ ଯୋଜନାରେ ୫ଶହ କୋଟି ଟଙ୍କା ଖର୍ଚ୍ଚରେ ସ୍ପେଶାଲ ରିଂରୋଡ୍ ନିର୍ମାଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କାମ ଆରମ୍ଭ ପାଇଁ ଚଳିତବର୍ଷ ଜାନୁଆରୀରେ ଶହେ କୋଟି ଟଙ୍କା ଅନୁଦାନ ମଧ୍ୟ ଯୋଗାଇ ଦିଆଯାଇଥିଲା ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ।

୧୬ ନମ୍ବର ଜାତୀୟ ରାଜପଥର ନଳାଙ୍ଗ ଓଭରବ୍ରିଜଠାରୁ ରିଂରୋଡ୍ ଆରମ୍ଭ ହୋଇ ଗେଲପୁର ମୌଜାରେ ନିର୍ମାଣ ହୋଇଥିବା ନୂଆ ମେଡିକାଲ ପଛପାର୍ଶ୍ୱ ଦେଇ ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାର କୋରକରାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟକୁ ସଂଯୋଗ କରିବ। ସେଠାରୁ ଭଦ୍ରକାଳୀ ପୀଠ ଦେଇ ଇଚ୍ଛାପୁର ନିକଟରେ ଚାନ୍ଦବାଲି-ଭଦ୍ରକ ମୁଖ୍ୟ ରାସ୍ତାକୁ ସଂଯୋଗ କରିବ। ସେଠାରୁ ୧୬ନଂ. ଜାତୀୟ ରାଜପଥର ଚରମ୍ପାଠାରେ ଏହି ରିଂରୋଡ୍ ସଂଯୋଗ ହେବ ବୋଲି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ତେବେ ସର୍ଭେ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ରିଂରୋଡ୍ ପାଇଁ ସମସ୍ତ ମାଷ୍ଟରପ୍ଲାନ ଓ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇ ଫାଇଲ ଭିତରେ ରହିଛି। ୬ ମାସ ପୂର୍ବରୁ ସରକାରଙ୍କ ଅନୁଦାନ ଯୋଗାଇ ଦିଆଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ନିକଟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଗସ୍ତରେ ଆସିଥିବା ବେଳେ ବହୁ ବୁଦ୍ଧିଜୀବୀ ରିଙ୍ଗ୍‌ରୋଡ ରିଂରୋଡ୍ ପ୍ରକଳ୍ପ ବାବଦରେ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତବର୍ଷ ଶେଷ ସୁଦ୍ଧା ରିଂରୋଡ୍ କାର୍ଯ୍ୟ ଆରମ୍ଭ ହେବା ସହ ଭାଜପା ସରକାର ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## 'ବିଦ୍ୟାଧର ଦକ୍ଷ ସଙ୍ଗଠକ ଥିଲେ'


ସ୍ମୃତିସଭାରେ ଉପସ୍ଥିତ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

ବନ୍ତ,୧୮।୮(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ସେଣ୍ଡତୀରା ପଞ୍ଚାୟତ ଆଳମଙ୍ଗା ଗ୍ରାମର ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ବିଦ୍ୟାଧର ଧଳ ଜଣେ ଦକ୍ଷ ସଙ୍ଗଠକ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ବ୍ଲକର ବହୁବିଧ ବିକାଶ କ୍ଷେତ୍ରରେ ନିଜକୁ ସର୍ବଦା ନିୟୋଜିତ କରିଆସିଥିଲେ ବୋଲି ରବିବାର ତାଙ୍କ ଏକାଦଶାହ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭାଜପା ନେତା ଡ. ସୁଧାଂଶୁ ନାୟକ, ପଞ୍ଚାନନ ରାଉତ, କମଳାକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ପୂର୍ବତନ କାଉନସିଲର ଦୁର୍ଗା ଚରଣ ଦାସ, ଆଇନଜୀବୀ ବେଣୁଧର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ଗୋଲକ ଚନ୍ଦ୍ର ଜେନା, ଶିକ୍ଷକ ରତିକାନ୍ତ ବେହେରା, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, କାଶିନାଥ ଜେନା, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ସ୍ମୃତି ରଞ୍ଜନ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବିଦ୍ୟାଧରଙ୍କ ସାନଭାଇ ଶିବପ୍ରସାଦ ଧଳଙ୍କ ସମେତ ପରିବାରବର୍ଗ ଓ ଗ୍ରାମବାସୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ବଜ୍ରପାତରେ ବିଲରେ ଟଳିପଡ଼ିଲେ ଚାଷୀ

ଭଣ୍ଡାରିପୋଖରୀ,୧୮।୮ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ଗ୍ରାମରେ ରବିବାର ବଜ୍ରପାତରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନାୟକସାହିର ଶ୍ୟାମସୁନ୍ଦର ନାୟକଙ୍କ ବଡ଼ପୁଅ ସୁଜିତ୍(୩୫)। ସେ ଓ ତାଙ୍କ ଭାଇ ରତିକାନ୍ତ ବିଲରେ ଧାନ ରୁଆ କାର୍ଯ୍ୟ କରୁଥିଲେ। ଅପରାହ୍ନ ୨ଟା ବେଳେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଦୁଇଜଣ କାମ କରୁଥିବା ବେଳେ ବଡ଼ଭାଇ ସୁଜିତ୍ ବଜ୍ରପାତର ଶିକାର ହୋଇ ବିଲରେ ଟଳି ପଡ଼ିଥିଲେ। ରତିକାନ୍ତ ପାଖ ଜମିରେ ଥିବା ଅନ୍ୟ ଲୋକଙ୍କ ସହାୟତାରେ ସୁଜିତଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭଣ୍ଡାରିପୋଖରୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୁଜିତ୍‌ଙ୍କର ସ୍ତ୍ରୀ, ଗୋଟିଏ ଶିଶୁପୁତ୍ର ଓ ଶିଶୁକନ୍ୟା ଅଛନ୍ତି। ଜଣେ ଗ୍ରାମ୍ୟ କଳାକାର ଭାବେ ତାଙ୍କର ସୁନାମ ଥିଲା।

## ୫ ପ୍ରତିଭାଙ୍କୁ ଯାତ୍ରାସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି ପୁରସ୍କାର


ସ୍ମୃତି ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

ଭଦ୍ରକ,୧୮।୮(ସନାତନ ରାଉତ)

ସ୍ୱାଧୀନତା ଦିବସ ଅବସରରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନଠାରେ ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୦ଠାରୁ ୨୦୨୪ ପର୍ଯ୍ୟନ୍ତ ୫ ଯାତ୍ରା ନାଟ୍ୟ ଓ ପାଲା ଜଗତର ପ୍ରତିଭାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୦ ପାଇଁ ନରେନ୍ଦ୍ର ପ୍ରସାଦ ପରିଡ଼ା, ୨୦୨୧ ପାଇଁ ସୁଧାକର ନନ୍ଦ, ୨୦୨୨ର ଉଦୟନାଥ ସାହୁ, ୨୦୨୩ ପାଇଁ ଦାମୋଦର ଦାଶ ଓ ୨୦୨୪ ପାଇଁ ବିଜୟ ଦାସ ପୁରସ୍କୃତ ହୋଇଛନ୍ତି।

ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ବରିଷ୍ଠ ପ୍ରତିଭା, ସ୍ୱାଧୀନତା ସଂଗ୍ରାମୀ ଓ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ତ୍ରିଲୋଚନ ପଣ୍ଡା, ରବୀନ୍ଦ୍ର କୁମାର ଜେନା, ଭାଗୀରଥି ଦତ୍ତ, ବରିଷ୍ଠ ଚିତ୍ରଶିଳ୍ପୀ ଜୟନ୍ତ କୁମାର ନାୟକ, ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ତାମିଲନାଡୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି କୁନିରାଣୀ

**ସହାୟତା ପାଇଁ ମା' ବାପାଙ୍କ ଗୁହାରି**

ଧାମନଗର,୧୮।୮ (ସନ୍ତୋଷ କୁମାର ମହାପାତ୍ର)

ଗରିବ ପରିବାରର ବୋଝକୁ ନିଜ ମୁଣ୍ଡରେ ନେଇ ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ମାସ ଶେଷରେ ମିଳୁଥିବା ପାରିଶ୍ରମିକରେ ନିଜେ ଚଳିବା ସହ ବଳକା ଅର୍ଥ ଘରକୁ ପଠାଉଥିଲେ। ଘରେ ଥିବା ମା' ବାପା ଝିଅର ଦରମାକୁ ଚାହିଁ ବସିଥାନ୍ତି। ହେଲେ ବିଧିର ବିଧାନ ବଡ଼ ନିଷ୍ଠୁର। ଏକମାତ୍ର ରୋଜଗାରିଆ ଝିଅ ୧୫ ଦିନ ତଳେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚେନ୍ନାଇର ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଝିଅ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ସହାୟତା ଲାଗି ଗରିବ ମା' ବାପା ଗୁହାରି କରିଛନ୍ତି। ଏପରି ଘଟଣା ଘଟିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଟସାହି ପଞ୍ଚାୟତର ପୂର୍ବ ଫଳପୁର(ମାରୁତିନଗର)ରେ।

ଉକ୍ତ ଗ୍ରାମର ଅଲେଖ ଜେନା ଓ ବସନ୍ତ ଜେନାଙ୍କ ଝିଅ କୁନିରାଣୀ(୨୩) ତାମିଲନାଡୁର ଏକ ଘରୋଇ କମ୍ପାନୀରେ କାମ କରି ପରିବାର ଚଳାଉଥିଲେ। ୧୫ ଦିନ ତଳେ ସେ ରାସ୍ତାରେ ଯାଉଥିବା ସମୟରେ ଏକ ଗାଡ଼ି ଧକ୍କା ଦେବାରୁ ତାଙ୍କ ଛାତିର ପଞ୍ଜରା ସହ ଗୋଟେ ଗୋଡ଼ ଭାଙ୍ଗିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ି ଯାଉଥିବାରୁ ଭଲ ହେବା ପାଇଁ ଉନ୍ନତମାନର ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ। ଝିଅର ଏପରି ଅବସ୍ଥାରେ ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନାହିଁ। ଅଲେଖ ମୂଲ ଲାଗି ୫ ଝିଅ ଓ ଗୋଟେ ପୁଅକୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ। ୩ ଝିଅ ବାହାଘର ପରେ ପୁଅ ବାହା ହୋଇ ଅଲଗା ରହୁଛନ୍ତି। ଏବେ ବୟସ ଅଧିକ ହୋଇଯିବା ପରେ ସେ ମୂଲ ଲାଗି ନ ପାରିବାରୁ କୁନି ମା' ବାପା ଓ ସାନ ଭଉଣୀଙ୍କ ପୋଷଣ ପାଇଁ କମ୍ପାନୀରେ କାମ କରୁଥିଲେ। କୁନିଙ୍କୁ ଭଲ କରିବା ପାଇଁ ରାଜ୍ୟ ସରକାର, ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟବାସୀ ଆର୍ଥିକ ସହଯୋଗ କରିବାକୁ ଅଲେଖ ଆକୁଳ ନିବେଦନ କରିଛନ୍ତି।


ଚିକିତ୍ସାଧୀନ କୁନିରାଣୀ ଜେନା।

## ଜିଲା ଯୁବ ଯାଦବ ମହାସଭାର ଜନ୍ମାଷ୍ଟମୀ ଉତ୍ସବ ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଜିଲା ଯୁବ ଯାଦବ ମହାସଭାର କର୍ମକର୍ତ୍ତା।

ଭଦ୍ରକ, ୧୮।୮(ରବିନାରାୟଣ ଖିଲାର)

ଆସନ୍ତା ୨୬ ତାରିଖରେ ଜନ୍ମାଷ୍ଟମୀ ପାଳନ ନେଇ ଭଦ୍ରକ ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ବାଇପାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ବାଇପାସ୍‌ଠାରୁ ଶ୍ରୀକୃଷ୍ଣ ପ୍ରେମୀଙ୍କ ଶୋଭାଯାତ୍ରା ବାହାରି ଶ୍ରୀକୃଷ୍ଣଙ୍କ ସୁସଜ୍ଜିତ ରଥ, ଲଉଡ଼ି ଖେଳ ଏବଂ ଓଗାଳ ପ୍ରତିଯୋଗିତା ସହ ଟାଉନ ହଲ୍‌ଠାରେ ପହଞ୍ଚିବ। ସେଠାରେ କୁନି କୁନି ପିଲାଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ। ଏଥିସହ ବ୍ଲକ ସଭାପତି, ଶିକ୍ଷାବିତ୍ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସଭାପତି କହିଛନ୍ତି। ଜିଲା ଯୁବ ସଭାପତିଙ୍କ ସମେତ ରାଜ୍ୟ ସମ୍ପାଦକ ଅମର ନାୟକ, ଶିକ୍ଷାବିତ୍ ଅଶୋକ ଖିଲାର, ଇଂ. କଳାକାର ବାରିକ, ଜିଲା ଯୁବ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ା, ଉପସଭାପତି ସଞ୍ଜୀବ ନାୟକ, ସାଧୁ ବାରିକ, ନିରୁ ବାରିକ, ପିୟୁଷ ଦାସ, କଳ୍ପତରୁ ପରିଡ଼ା, ମନୋଜ ବାରିକ, ମନୋରଞ୍ଜନ ବାରିକ, ରାଜେଶ ବାରିକ, ବିରଞ୍ଚି ବେହେରା, ସୁଦର୍ଶନ ଲେଙ୍କା, ପ୍ରଶାନ୍ତ ବେହେରା, ଶରତ କବି, ସାଇ ଶଙ୍କର ମହାକୁଡ଼, ବାଣୀକଲ୍ୟାଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଚଳିତବର୍ଷ ଜିଲା ଯାଦବ ମହାସଭା ପକ୍ଷରୁ ନନ୍ଦ ମହୋତ୍ସବ ବାସୁଦେବପୁରଠାରେ ପାଳନ କରାଯିବ ବୋଲି ରାଜ୍ୟ ସମ୍ପାଦକ ଧିରେନ ପଲେଇ, ଜିଲା ସଭାପତି ସୁଧାଂଶୁ ନାୟକ, ବ୍ଲକ ମୁଖ୍ୟ ଅନିଲ ବାରିକ, ହରିଶ ବାରିକ, ବିଷ୍ଣୁ ପଲେଇ, ବାସୁଦେବପୁର ସଭାପତି ନାରାୟଣ ନାୟକ, ସମ୍ପାଦକ ଭାଗୀରଥି ପଲେଇ ପ୍ରମୁଖ ପ୍ରକାଶ କରିଛନ୍ତି।

## 'ଭାଗବତ ଜୀବନ ଚରିତର ଅମୃତ ଭାଷା'


ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ,୧୮।୮(ସନାତନ ରାଉତ)

ଭଦ୍ରକ କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର 'ସିଂହ ସଂକ୍ରାନ୍ତି ଆସର' ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରକୁ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ଆସରରେ 'ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସ' ଶୀର୍ଷକ ଆଲୋଚନାଚକ୍ରରେ ଭାଗବତ ଜୀବନ ଚରିତର ଅମୃତ ଭାଷା ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବାବୁଲାଲ ଦାସ, ମୁଖ୍ୟବକ୍ତା ପ୍ରବଚକ ଦୟାନିଧି ବେହେରା, ମୁଖ୍ୟ ଆଲୋଚକ ଅଧ୍ୟାପକ ନୀହାର ରଞ୍ଜନ କର, ଶିକ୍ଷାବିତ୍ କୃପାସିନ୍ଧୁ ନାୟକ, ଇଂ. ରବୀନ୍ଦ୍ର କୁମାର ଜେନା, ପାର୍ଥସାରଥି ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ନାରାୟଣ ଚନ୍ଦ୍ର ପାଢ଼ୀ, ମଧୁସୂଦନ ମହାପାତ୍ର, ମାଧବଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶିଶୁକବି ଡ. ଅରୁଣ କୁମାର ପଣ୍ଡାଙ୍କ ଶିଶୁ ପୁସ୍ତକ 'ବହିମେଳା' ଉନ୍ମୋଚନ କରାଯାଇଥିଲା। ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ କବୟିତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ସହସମ୍ପାଦିକା ମମତାରାଣୀ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ଆଶୁତୋଷ କରଣ ଧନ୍ୟବାଦ ଦେଇଥିଲେ।

## ବନ୍ଧୁକ ଦେଖାଇ ସୁନା ଚେନ୍ ଲୁଟ୍

ପାଟଣା,୧୮।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା କେନ୍ଦେଇ ପଶି ସନ୍ନିକଟ ହନୁମାନ ଛକରୁ ଉଦୟପୁର ରାସ୍ତା ବାରିକ ଛକ ନିକଟରେ ଶନିବାର ୨ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦମ୍ପତିଙ୍କଠାରୁ ସୁନାଚେନ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଦମ୍ପତି ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଞ୍ଚଳର ସୁଶାନ୍ତ ମହାନ୍ତ ଓ ତାଙ୍କ ସ୍ତ୍ରୀ ବିଜୟ ଲକ୍ଷ୍ମୀ ମହାନ୍ତ। ସୁଶାନ୍ତ ସାହାରପଡା ହାଇସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ବିଜୟଲକ୍ଷ୍ମୀ କେନ୍ଦୁଝରରୁ ଓଟିଇଟି ପରୀକ୍ଷା ଦେଇ ସ୍ୱାମୀଙ୍କ ସହ ଫେରୁଥିଲେ। ଏକ ନାଲି ପଲସର ବାଇକରେ ଦୁର୍ବୃତ୍ତ ଦମ୍ପତିଙ୍କୁ ପିଛା କରି ଆସିଥିଲେ। ଉଦୟପୁର ରାସ୍ତା ବାରିକ ଛକ ନିକଟରେ ବାଇକ ସମ୍ମୁଖରେ ଛିଡ଼ା ହୋଇ ପିସ୍ତଲ ଦେଖାଇ ସୁନା ଚେନ୍ ଲୁଟ କରି ପୁନର୍ବାର କେନ୍ଦୁଝର ଅଭିମୁଖେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତ ୧୧ ଗ୍ରାମ ଓଜନର ସୁନା ଚେନ୍ ନେଇଯାଇଥିବା ବିଜୟ ଲକ୍ଷ୍ମୀ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟ ହୋଇଥିବା ଚେନ୍‌ର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ରସାନନ୍ଦ ନାୟକ କହିଛନ୍ତି।

## ସିଡିପିଓ-ତହସିଲଦାର କଥା କଟାକଟି

**ଚାନ୍ଦବାଲି ପଞ୍ଚାୟତ ସମିତି ବୈଠକ**

**ଅଧିକାରୀଙ୍କ ଅନୁପସ୍ଥିତି ନେଇ ଏମ୍‌ପିଙ୍କ କ୍ଷୋଭ**

ଚାନ୍ଦବାଲି,୧୮।୮(ଅଶୋକ ପଣ୍ଡା)

ଚାନ୍ଦବାଲି ପଞ୍ଚାୟତ ସମିତି ସଭାଗୃହରେ ୬ଷ୍ଠ ସାଧାରଣ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ହୋହଲ୍ଲାରେ ଶେଷ ହୋଇଛି। ବ୍ଲକ ଅଧ୍ୟକ୍ଷା ମିନତି ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପିଡିଏସ୍ ବଣ୍ଟନ, ଅଙ୍ଗନୱାଡି କେନ୍ଦ୍ରର ଦୁରାବସ୍ଥା, ଶିକ୍ଷକ ଅଭାବ, ଜଳ ସମ୍ପଦ ଓ କୃଷି ବିଭାଗ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ବ୍ୟୋମକେଶ ରାୟ, ବିଡିଓ ଅସିତ୍ କୁମାର ମହାନ୍ତି, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଶୋକ ମିଶ୍ର ଓ ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ ଯୋଗ ଦେଇଥିଲେ। ବୈଠକରେ କେତେକ ବିଭାଗର ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଏମ୍‌ପି କ୍ଷୋଭ ପ୍ରକାଶ କରିଥିଲେ। ମହିଳା ଓ ଶିଶୁ ବିକାଶ ସମ୍ପର୍କରେ ଆଲୋଚନା ବେଳେ ଚାନ୍ଦବାଲି ସିଡିପିଓ-୧ ଓ ସିଡିପିଓ-୨ଙ୍କ ସହ ତହସିଲଦାରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସେମାନଙ୍କ ଉପସ୍ଥିତିରେ ଏଭଳି ଯୁକ୍ତିତର୍କକୁ ନେଇ ଏମ୍‌ପି ଓ ବିଧାୟକ ଅସନ୍ତୋଷ ପ୍ରକଶ କରିଥିଲେ। ସେହିପରି ଧାମରାର ସମିତିସଭ୍ୟ ପ୍ରିୟରଞ୍ଜନ ଜେନାଙ୍କ ଅଭିଯୋଗ ଉପରେ ବିଜେଡି ଓ ଭାଜପା ସମର୍ଥିତ ନିର୍ବାଚିତ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ହେବା ସହ ସଭାଗୃହରେ ହୋହଲ୍ଲା ହୋଇଥିଲା। ଫଳରେ ସଭାଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା।

## 'ଦସ୍ତଖତ କର, ନ ହେଲେ ଅଫିସରୁ ବାହାରିଯାଅ'

**ପିଇଓଙ୍କ ଦୁର୍ବ୍ୟବହାର ନେଇ କାର୍ଯ୍ୟାନୁଷ୍ଠାନ ଦାବି କଲେ ୱାର୍ଡସଭ୍ୟ**

ତିହିଡ଼ି,୧୮।୮(ସଞ୍ଜିତ ବଳ)

ଦସ୍ତଖତ କର ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟରୁ ବହାରିଯାଅ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ ଏପ୍ରକାର ଦୁର୍ବ୍ୟବହାରକୁ ନେଇ ତିହିଡ଼ି ବ୍ଲକ କୁବେରା ପଞ୍ଚାୟତର ସମିତିସଭ୍ୟା ଓ ୱାର୍ଡସଭ୍ୟମାନେ ଅଭିଯୋଗ କରିବା ସହ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପଞ୍ଚାୟତର ୧୧ ଜଣ ୱାର୍ଡସଭ୍ୟ ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କି ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୧୩ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ହେଉଥିଲା। ବୈଠକରେ ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ। ପିଇଓ ନୋଟିସ୍ ବହିରେ ଦସ୍ତଖତ କରିବାକୁ କହିବାରୁ ସେମାନେ ଦସ୍ତଖତ କରିଥିଲେ। ପରେ ପିଇଓ ଅଧିବେଶନ ଖାତାରେ ଦସ୍ତଖତ କରିବାକୁ କହିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। କୌଣସି ଆଲୋଚନା ହେବା ଆଗରୁ ସେମାନେ କାହିଁକି ଦସ୍ତଖତ କରିବେ ବୋଲି ପ୍ରଶ୍ନ କରିଥିଲେ। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ହୋଇଥିବା ଆଲୋଚନା ଅଧିବେଶନ ଖାତାରେ ଉଲ୍ଲେଖ କରାଯିବା ପରେ ସେମାନେ ଦସ୍ତଖତ କରିବେ ବୋଲି କହିଥିଲେ। ୱାର୍ଡ ସଭ୍ୟାସଭ୍ୟ ହିସାବରେ ରୁହ। ଦସ୍ତଖତ କର ନ ହେଲେ କାର୍ଯ୍ୟାଳୟରୁ ବାହାରିଯାଅ ବୋଲି କହିଥିଲେ ପିଇଓ। ଏଭଳି ଦୁର୍ବ୍ୟବହାର ନେଇ ୱାର୍ଡସଭ୍ୟମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ନ କରି ଏକତରଫା ଭାବେ ପିଇଓ କାର୍ଯ୍ୟ କରାଇ ନେବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ସେମାନେ ଦର୍ଶାଇଛନ୍ତି। ସମିତିସଭ୍ୟା ସସ୍ମିତା ବେହେରା, ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ଜେନା, ୱାର୍ଡସଭ୍ୟା ବନଲତା ଜେନା, ଝିଲିଲତା ପ୍ରଧାନ, ଶକୁନ୍ତଳା ସେଠୀ, ପ୍ରେମଲତା ରାଉତ, ଭଗବତୀ ଜେନା, ୱାର୍ଡସଭ୍ୟ ସୁଶାନ୍ତ ନାୟକ, ଧନେଶ୍ୱର ନାୟକ, ଯଶୋବନ୍ତ ସାମଲ ପ୍ରମୁଖ ବିଡିଓଙ୍କ ସମେତ ଜିଲାପାଳ, ଉପଜିଲାପାଳ, ବ୍ଲକ ଅଧ୍ୟକ୍ଷା ପ୍ରମୁଖଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପିଇଓ ବାସୁଦେବ ବେହେରାଙ୍କୁ ପଚାରିବାରୁ ସେ କୌଣସି ଦୁର୍ବ୍ୟବହାର କରିନାହାନ୍ତି, ନିୟମ ଅନୁଯାୟୀ ବୈଠକ ଅନୁଷ୍ଠିତ ହୋଇଥିବା କହିଛନ୍ତି।


ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ୱାର୍ଡସଭ୍ୟମାନେ।

**ସଂକ୍ଷେପରେ**

## ବନ୍ଧୁକ ଦେଖାଇ ସୁନାଚେନ ଲୁଟ୍

ପାଟଣା,୧୮।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା କେନ୍ଦେଇ ପଣି ସନ୍ନିକଟ ହନୁମାନ ଛକରୁ ଉଦୟପୁର ରାସ୍ତା ବାରିକ ଛକ ନିକଟରେ ଶନିବାର ୨ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦମ୍ପତିଙ୍କଠାରୁ ସୁନାଚେନ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଦମ୍ପତି ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଞ୍ଚଳର ସୁଶାନ୍ତ ମହାନ୍ତ ଓ ତାଙ୍କ ସ୍ତ୍ରୀ ବିଜୟ ଲକ୍ଷ୍ମୀ ମହାନ୍ତ। ସୁଶାନ୍ତ ସାହାରପଡା ହାଇସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସୂଚନା ଅନୁଯାୟୀ, ବିଜୟଲକ୍ଷ୍ମୀ କେନ୍ଦୁଝରରୁ ଓଟିଇଟି ପରୀକ୍ଷା ଦେଇ ସ୍ୱାମୀଙ୍କ ସହ ଫେରୁଥିଲେ। ଏକ ନାଲି ପଲସର ବାଇକରେ ଦୁର୍ବୃତ୍ତ ଦମ୍ପତିଙ୍କୁ ପିଛା କରି ଆସିଥିଲେ। ଉଦୟପୁର ରାସ୍ତା ବାରିକ ଛକ ନିକଟରେ ବାଇକ ସମ୍ମୁଖରେ ଛିଡ଼ା ହୋଇ ପିସ୍ତଲ ଦେଖାଇ ସୁନା ଚେନ୍ ଲୁଟ କରି ପୁନର୍ବାର କେନ୍ଦୁଝର ଅଭିମୁଖେ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତ ୧୧ ଗ୍ରାମ ଓଜନର ସୁନା ଚେନ୍ ନେଇଯାଇଥିବା ବିଜୟ ଲକ୍ଷ୍ମୀ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟ ହୋଇଥିବା ଚେନ୍‌ର ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୪୦/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ରସାନନ୍ଦ ନାୟକ କହିଛନ୍ତି।

# ଯୋଡ଼ା ଫ୍ଲାଏ ଓଭରରୁ କଂକ୍ରିଟ୍ ଖସୁଛି

## ନିମ୍ନମାନର କାର୍ଯ୍ୟ ଅଭିଯୋଗ

ଯୋଡ଼ା,୧୮।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ନୂତନ ଭାବେ ନିର୍ମାଣ ହୋଇଥିବା ଫ୍ଲାଏ ଓଭର ଛାତରୁ କଂକ୍ରିଟ ଖସୁଛି। ଛାତରୁ ବଡ଼ କଂକ୍ରିଟ ଖଣ୍ଡ ଖସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। କଂକ୍ରିଟ ଖସି ଲୁହା ରଡ୍ ବାହାରି ପଡ଼ିଥିବା ବେଳେ ଏହାକୁ ଲୁଚାଇବା ପାଇଁ ସେଠାରେ ଏକ ପ୍ଲାଏ ବୋର୍ଡକୁ ବାନ୍ଧି ଦିଆଯାଇଛି। ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ଏହି ଫ୍ଲାଏ ଓଭର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଦୀର୍ଘ ଦିନର ପ୍ରତୀକ୍ଷା ପରେ ରଣାଶାଳରୁ ବାମେବାରି ଯାଇଥିବା ବିଜୁ ପଟ୍ଟନାୟକ ରାଜ୍ୟ ରାଜପଥ ନଂ. ୨ରେ ଭାରିଯାନ ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ଏକ ଫ୍ଲାଏ ଓଭର ନିର୍ମାଣ କରାଯାଇଛି। ୧୧୧ ପିଲର ବିଶିଷ୍ଟ ୪.୮ କିମି ଲମ୍ବ ବିଶିଷ୍ଟ ଫ୍ଲାଏ ଓଭରଟି ପ୍ରାୟ ୨୮୧ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଥିଲା। ଏହାକୁ ୨୦୨୪ ମାର୍ଚ୍ଚ ୧୧ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଫ୍ଲାଏ ଓଭରର ନିର୍ମାଣ କାର୍ଯ୍ୟ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ହାତକୁ ନେଇଥିବା ବେଳେ ଏହା ଚେଭରକ୍ସ ନାମକ ଏକ ଗୁଜରାଟ କମ୍ପାନୀକୁ ଠିକାରେ ଦେଇଥିଲେ। ତେବେ ଫ୍ଲାଏ ଓଭରଟି ଶହେ ବର୍ଷ ଧରି ଯୋଡାବାସୀଙ୍କୁ ସେବା ଯୋଗାଇବ ବୋଲି ଦାବି କରାଯାଉଛି। ମାତ୍ର କେଇ ମାସ ନ ଯାଉଣୁ ଏହାର ବିଭିନ୍ନ ସ୍ଥାନରେ ନିର୍ମାଣଗତ ତ୍ରୁଟି ଦେଖିବାକୁ ମିଳିଛି। ଓବିସିସି ପକ୍ଷରୁ ଏହା ୨ଶହ ମେଟ୍ରିକ ଟନ୍ ଓଜନ ବହନ କରିବାର କ୍ଷମତା ଥିବା କୁହାଯାଉଥିବା ବେଳେ ଏହାର ମରାମତିର ଆବଶ୍ୟକତା ଯୋଗୁ ନିକଟରେ ଏହାକୁ ଏକ ମାସ ଧରି ବନ୍ଦ



କରିଦିଆଯାଇଥିଲା। ଫ୍ଲାଏ ଓଭର ଉପର ଅଂଶରେ ବିଭିନ୍ନ ଜାଗାରେ ଢଳେଇ ଉଠିଯାଉଥିବା ଦେଖିବାକୁ ମିଳୁଛି। ଏବେ ଫ୍ଲାଏ ଓଭର ଦେଇ ଦୈନିକ ଭାରିଯାନ ଚଳାଚଳ କରୁଥିବା ବେଳେ ଏହାର କମ୍ପନରେ ୫୧ନଂ. ପିଲରରେ କଂକ୍ରିଟ ଖଣ୍ଡ ଖସିପଡୁଥିବା ଦେଖିବାକୁ ମିଳିଛି। ପିଲରଟି ବସ୍‌ଷ୍ଟାଣ୍ଡ ନିକଟରେ ଥିବାରୁ ବିପଦ ଆଶଙ୍କା କରାଯାଉଛି। ଅନ୍ୟ କେତେଗୁଡିଏ ପିଲରରେ ମଧ୍ୟ କଂକ୍ରିଟ ଖସୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଜଳ ନିଷ୍କାସନ ପାଇଁ ଲାଗିଥିବା ପାଇପ୍ ଭାଙ୍ଗି ଯାଇଥିବା ବେଳେ ରନ୍ଧ୍ରଗୁଡ଼ିକୁ ବନ୍ଦ ହୋଇ ପାଣି ନିଷ୍କାସନରେ ବାଧା ଉପୁଜୁଛି। ଫଳରେ ମାଟି କାଦୁଅ ଜଳ ତଳେ ଯାଉଥିବା ଲୋକଙ୍କ ଉପରେ ସିଧାସଳଖ ପଡୁଛି। ଫ୍ଲାଏ ଓଭରର ଉଭୟ ପାର୍ଶ୍ୱରେ ଥିବା ତ୍ରୁଟିପୂର୍ଣ୍ଣ ସର୍ଭିସ ରୋଡ୍ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ନିକଟରେ ଫ୍ଲାଏ ଓଭର ଶେଷ ପର୍ଯ୍ୟାୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ଜଣେ ଅଭିଭାବକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା।

# ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

## ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା

ଯୋଡ଼ା,୧୮।୮(ମାନସ ମହାନ୍ତି)

ପଶ୍ଚିମବଙ୍ଗ ରାଜ୍ୟର କୋଲକାତା ଆରଜି କର ମେଡିକାଲ କଲେଜରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ପରେ ଜଘନ୍ୟ ହତ୍ୟାକାଣ୍ଡ ଘଟଣାକୁ ନେଇ ଦେଶରେ ପ୍ରତିବାଦ ଦେଖିବାକୁ ମିଳିଛି। ଯୋଡ଼ା ପୌରାଞ୍ଚଳର ମହିଳାମାନେ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ନ୍ୟାୟ ଦାବି କରିଛନ୍ତି। ଯୋଡ଼ା ପୌରପାଳିକା ଉପ ନଗରପାଳ ସନ୍ଧ୍ୟା ପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଡ଼ା ବସ୍‌ଷ୍ଟାଣ୍ଡ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରୁ ପ୍ଲା-କାର୍ଡ ଓ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରିଛନ୍ତି। ସୂଚନା ଥାଉକି, ଗତ ୯ ତାରିଖରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା।




ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।



କେନ୍ଦୁଝର ଜିଲା ପାଟଣା ରେଞ୍ଜ କ୍ଷୀରେଇ ଟାଙ୍ଗିରୀ ସେକ୍ସନ ଜଙ୍ଗଲ ନିକଟ ଦେଶ ବନ୍ଧରେ ହାତୀପଲ ଜଳକ୍ରୀଡ଼ା କରୁଛନ୍ତି।

## ହାତୀପଲଙ୍କ ଜଳକ୍ରୀଡ଼ା

ପାଟଣା,୧୮।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ କ୍ଷୀରେଇ ଟାଙ୍ଗିରୀ ସେକ୍ସନ ଜଙ୍ଗଲ ନିକଟରେ ଥିବା ଦେଶ ବନ୍ଧରେ ରବିବାର ୧୯ ଟିକିଆ ଝାଡ଼ଖଣ୍ଡି ବଣୁଆ ହାତୀପଲ ଜଳକ୍ରୀଡ଼ା କରୁଛନ୍ତି। ହାତୀପଲଙ୍କ କୌତକିଆ ଜଳକ୍ରୀଡ଼ା ଦେଖିବାକୁ ଲୋକଙ୍କ ଭିଡ଼ ହୋଇଥିଲା। ଶନିବାର ରାତିରେ ହାତୀପଲ ଭୁଲୁଦା ଗ୍ରାମ ବାଘମରା ସାହିର ଯୁଧିଷ୍ଠିର ମହାନ୍ତଙ୍କ ଧାନ ତଳି ଖାଇବା ସହ ମାଡ଼ି ନଷ୍ଟ କରିଦେଇଛନ୍ତି। ହାତୀପଲରେ ୪ ଦନ୍ତା, ୧୦ ମାଈ ଓ ୫ ଛୁଆ ହାତୀ ରହିଛନ୍ତି। ରବିବାର ସନ୍ଧ୍ୟାରେ ହାତୀପଲ ପାଟଣା ରେଞ୍ଜ ଛାଡି ସଦର ରେଞ୍ଜ ବେଲେଦା ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଥିବା କ୍ଷୀରେଇ ଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

## ଉତ୍ତର ସମ୍ଭାଗ ସମ୍ପାଦକ, ପ୍ରଧାନାଚାର୍ଯ୍ୟ ବୈଠକ

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରଗଡ଼ ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୟୂରଭଞ୍ଜ ଓ କେନ୍ଦୁଝର ଅନ୍ତର୍ଗତ ୧୧୨ଟି ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ସଂଭାଗ ସଭାପତି ରଣଜିତ୍ କୁମାର ଧଳଙ୍କ ସଭାପତିତ୍ୱରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଉତ୍ତର ସମ୍ଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଫେସର ସୁନିଲ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ଭାଗ ସମ୍ପାଦକ ଗଙ୍ଗାଧର କର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ମୋଟ ୨୧୭ଜଣ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ଉପସ୍ଥିତ ଥିଲେ।

# ଏମ୍‌ପିଙ୍କୁ ମିଳୁନି ଡିଏମ୍‌ଏଫ୍ ସମ୍ପର୍କିତ ସୂଚନା

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ସୂଚନା ମିଳୁନାହିଁ। ଏହାକୁ ନେଇ ଏମ୍‌ପି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଜିଲାରେ ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ହାତପାଣ୍ଠି ଭାବରେ ଖର୍ଚ୍ଚ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏ ନେଇ ତଥ୍ୟ ଜାଣିବା ପାଇଁ ଏମ୍‌ପି ୨୬ ଜୁନ ୨୦୨୪ରେ ଜିଲାପାଳଙ୍କୁ ଚିଠି କରିଥିଲେ। ମେ ୨୦୨୪ ପର୍ଯ୍ୟନ୍ତ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିକୁ ମିଳିଥିବା ଅର୍ଥ ଓ ଖର୍ଚ୍ଚ ହିସାବ, ଟ୍ରଷ୍ଟ ବୋର୍ଡ ବୈଠକ ଓ କାର୍ଯ୍ୟ ନିର୍ବାହୀ ବୈଠକ, ବର୍ଷ ୱାରି ଖର୍ଚ୍ଚ ହିସାବ, ଗ୍ରାମସଭା, ବିଭିନ୍ନ ବିଭାଗରେ ହୋଇଥିବା ଖର୍ଚ୍ଚ ପରିମାଣ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟର କର୍ମଚାରୀ ଚୟନ ପ୍ରକ୍ରିୟା ଓ ସେମାନଙ୍କ ବେତନ ବାବଦକୁ ଖର୍ଚ୍ଚ ଆଦି ବିଷୟରେ ୧୬ ଗୋଟି ସୂଚନା ମାଗିଥିଲେ। ତେବେ ସେଥିରୁ ଗ୍ରାମସଭା ସମ୍ପର୍କିତ ସୂଚନା, ବିନା ଗ୍ରାମସଭାରେ ହୋଇଥିବା ପ୍ରକଳ୍ପ, ବିନା ଟେଣ୍ଡରରେ ହୋଇଥିବା ପ୍ରକଳ୍ପ ସୂଚନା, ୧୦ କୋଟିରୁ ଅଧିକ ଖର୍ଚ୍ଚ ହୋଇଥିବା ପ୍ରକଳ୍ପର ତାଲିକା, ୫ଟିରେ ସ୍କୁଲ୍ ଟ୍ରାନ୍ସଫରମେସନ, ସକିଲ ଡେଭେଲପମେଣ୍ଟ ଆଦିରେ ହୋଇଥିବା ପ୍ରକଳ୍ପ ଓ ଖର୍ଚ୍ଚର ହିସାବ ସୂଚନା ଆଦି ମିଳି ନ ଥିଲା। ଫଳରେ ପ୍ରଶାସନ ତଥା ଡିଏମ୍‌ଏଫ୍‌ର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମ୍‌ପି ଅନନ୍ତ ନାୟକ କହିଛନ୍ତି, ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

## ନଦୀକୁ ଡେଇଁ ନବବଧୂଙ୍କ ଆତ୍ମହତ୍ୟା

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ କାଇଁଝରୀ ଡ୍ୟାମକୁ ଡେଇଁ ଶନିବାର ଜଣେ ନବବଧୂ ଆତ୍ମହତ୍ୟା କରିଛନ୍ତି। ମୃତା ଜଣଙ୍କ ହେଲେ ବାରଖଣ୍ଡା ଗ୍ରାମର ନୀର ମହାନ୍ତଙ୍କ ସ୍ତ୍ରୀ ବନିତା ମହାନ୍ତ(୨୧)। ସୂଚନା ମୁତାବକ, ନୀର ଗତ ଜୁନ୍‌ରେ ପେଣ୍ଡିହି ଗ୍ରାମର ବନିତାଙ୍କୁ ବିବାହ କରିଥିଲେ। ସେ ସବୁବେଳେ ବାପାଘରକୁ ଏବଂ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟକୁ ଯିବାକୁ ଚାହୁଁଥିଲେ। ଏ ନେଇ ସର୍ବଦା ପାରିବାରିକ କଳହ ଲାଗିରହୁଥିଲା। ଶନିବାର ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ବନିତା ଉତ୍‌କ୍ଷିପ୍ତ ହୋଇ ଡ୍ୟାମ୍‌କୁ ଡେଇଁପଡ଼ିଥିଲେ। ଖବର ପାଇ ଘଟଣାସ୍ଥଳରେ କେନ୍ଦୁଝର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ବନିତାଙ୍କ ମୃତଦେହ ଠାବ କରିଥିଲେ। ସଦର ପୋଲିସ ଏସ୍‌ଆଇ ପ୍ରବୋଧ ଚନ୍ଦ୍ର ମହାନ୍ତି ସଦଳବଳେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଏକ ମାମଲା(ନଂ.୫୦/୨୪) ରୁଜୁ ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ସମେତ କର୍ମଚାରୀଙ୍କ ବଦଳି

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଘସିପୁରା ବ୍ଲକ୍ ଅନ୍ତର୍ଗତ ନୂଆମାଳିଆରେ ଥିବା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଏବଂ ଅଣ ଶିକ୍ଷକଙ୍କୁ ବଦଳି କରାଯାଇଛି।

ଆଦେଶ ମୁତାବକ, ହରିଚନ୍ଦନପୁର ବ୍ଲକ୍ କନ୍ହେଇଗୋଳା ଆଶ୍ରମ ବିଦ୍ୟାଳୟରୁ ଡେପୁଟେସନରେ ଆସିଥିବା ହେଡ୍ ସେବକ ରାଜୀବ ଚନ୍ଦ୍ର ଜେନାଙ୍କ ଡେପୁଟେସନ ବାତିଲ କରାଯାଇ କନ୍ହେଇଗୋଳା ଆଶ୍ରମ ବିଦ୍ୟାଳୟକୁ ଫେରାଇ ଦିଆଯାଇଛି। କାଠପାଳ ଆଶ୍ରମ ବିଦ୍ୟାଳୟର ହେଡ୍ ସେବିକା ନିର୍ମଳା ସାହୁଙ୍କୁ ନୂଆମାଳିଆକୁ ବଦଳି କରାଯାଇଛି। ନୂଆମାଳିଆ ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ପୁରୁଷୋତ୍ତମ ରାଉତଙ୍କୁ ଗୁଆଲି ଆଶ୍ରମ ବିଦ୍ୟାଳୟ ଏବଂ କରଙ୍ଗାଡିହି ଆଶ୍ରମ ବିଦ୍ୟାଳୟର ରାଜେନ୍ଦ୍ର ହୋକ୍‌ଙ୍କୁ ନୂଆମାଳିଆକୁ ବଦଳି କରାଯାଇଛି। ନୂଆମାଳିଆର ଲେଡି କୁକ୍ କମ ଆଟେଣ୍ଡାଣ୍ଟ ଶ୍ରୀମତୀ ମୁଣ୍ଡାଙ୍କୁ ଦାନ୍ତିଆ, ଦାନ୍ତିଆର ରଇବାରୀ ହୋକ୍‌ଙ୍କୁ ନୂଆମାଳିଆ ବଦଳି କରାଯାଇଛି। ସେହିପରି ଅନ୍ୟ କୁକ କମ ଆଟେଣ୍ଡାଣ୍ଟ ସୁମି ମୁଣ୍ଡାଙ୍କୁ ଜଙ୍ଗିରା ଓ ଚିନାମାଳି ସାହୁଙ୍କୁ ଜଙ୍ଗିରାରୁ ନୂଆମାଳିଆକୁ ବଦଳି କରାଯାଇଛି। ନୂଆମାଳିଆର ଲେଡି ମାଟ୍ରନ ପ୍ରେମଲତା

### ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣା

ଭୂୟାଁଙ୍କୁ କେ.ବି.ସରକାରୀ ଉଚ୍ଚ ବିଦ୍ୟାଳୟ ଭଣ୍ଡାକୁ ବଦଳି ହୋଇଥିବାବେଳେ ଏହି ବିଦ୍ୟାଳୟର ଶୁଭଲକ୍ଷ୍ମୀ ସେଠୀଙ୍କୁ ନୂଆମାଳିଆ ବଦଳି ହୋଇଛି। ପ୍ରକାଶଯୋଗ୍ୟ, ଅଗଷ୍ଟ ୧୦ରେ ଆଶ୍ରମ ବିଦ୍ୟାଳୟର ଜନୈକ ଛାତ୍ରୀ ଅସୁସ୍ଥ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ଦାନଗଦୀ ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନା ନେଇଥିଲେ। ସେଠାରେ ସାମାନ୍ୟ ସୁସ୍ଥ ହେବା ପରେ ଛାତ୍ରୀଙ୍କୁ ପରିବାର ଲୋକଙ୍କୁ ଖବର ଦେଇ ଝିଅକୁ ସାଙ୍ଗରେ ନେବା ପାଇଁ କହିଥିଲେ। ଘରେ ଛାତ୍ରୀ ପୁଣି ଅସୁସ୍ଥ ହେବାରୁ ଠାକୁରମୁଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀ ଓ ପରିବାର ଲୋକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ପ୍ରଧାନ ଶିକ୍ଷକଙ୍କ ବହିଷ୍କାର ଦାବି କରିଥିଲେ। ଏପରିକି ଅନ୍ୟ ଅଭିଭାବକ ଭୟରେ ୫୩ ଜଣ ଅନ୍ତେବାସୀଙ୍କୁ ଘରକୁ ନେଇ ଯାଇଥିଲେ। ଘଟଣା ପରେ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଛାତ୍ରୀଙ୍କ ମୃତ୍ୟୁ ବିଷକ୍ରିୟା ଯୋଗୁ ହୋଇଥିବା ଅଭିଯୋଗ କରାଯାଉଥିବାରୁ ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି।

## ଅନୁପ୍ରବେଶ ରୋକିବାକୁ ଦାବିପତ୍ର

ଚମ୍ପୁଆ,୧୮।୮(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡରେ ଦିନକୁ ଦିନ ବଢୁଥିବା ଅନୁପ୍ରବେଶକୁ ରୋକିବା ସହିତ ପରିଚୟବିହିନ ବାସିନ୍ଦାଙ୍କୁ ଚିହ୍ନଟ କରିବା ପାଇଁ ହିନ୍ଦୁସଂଗଠନ ପକ୍ଷରୁ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟ ସଞ୍ଜୟ ଗିରୀ, ଗଙ୍ଗାଧର କର, ରମେଶ ଗିରୀ, ଦୁଷନ୍ତ ମହାନ୍ତ, ମନୋଜ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଦାବି ଜଣାଇଛନ୍ତି। ଉପ ଜିଲାପାଳ ଭାଇଚାରା ବଜାଇ ରଖି ଚମ୍ପୁଆ ବିକାଶର ଭାଗୀ ହେବାକୁ ଅନୁରୋଧ କରିଥିଲେ।

# ସଂସ୍କୃତ ବିନା ସଂସ୍କୃତିର ସ୍ଥାନ ନିରୂପଣ ଅସମ୍ଭବ

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ତରଫରୁ ଆୟୋଜିତ ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତ ଦିବସ ପାଳିତ ହୋଇଥିଲା। ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱ ବିଦ୍ୟାଳୟର ପରିବେଶକୁ ମନ୍ତ୍ରମୟ କରିବା ଉଦ୍ଦେଶ୍ୟରେ ନିତ୍ୟ ପ୍ରାତକାଳରେ ମନ୍ତ୍ରପାଠ କରିବା ପାଇଁ ପରାମର୍ଶ ଦେବା ସହ ସଂସ୍କୃତ ଭାଷାରେ ଶିକ୍ଷା ଗ୍ରହଣ କରିବାକୁ ସମସ୍ତ ବିଭାଗର ମୁଖ୍ୟଙ୍କୁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଭୁପ୍ରସାଦ ଦାସ ନିଜର ମତ ଉପସ୍ଥାପନ କରି ସଂସ୍କୃତ ବିନା ସଂସ୍କୃତିର ସ୍ଥାନ ନିରୂପଣ ଅସମ୍ଭବ ବୋଲି କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟ ତଥା ସଂସ୍କୃତ ସପ୍ତାହର ସଞ୍ଚାଳିକା ଡ. ଅରୁନ୍ଧତୀ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ନିବେଦିତା ପତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଡ. ପଙ୍କଜ ମାହାନା ସଂସ୍କୃତ ପଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପାରସ୍ପରିକ ସଂହତି ରକ୍ଷା ପାଇଁ ପରସ୍ପର ହାତରେ ଛାତ୍ରୀଛାତ୍ର ରକ୍ଷୀ ବାନ୍ଧିଥିଲେ। ଅଧ୍ୟାପିକା ଡ. ପ୍ରିୟଦର୍ଶିନୀ ମହାପାତ୍ର ଓ ଡ. ଆଲିଶା ବିଶ୍ୱାଳ ଗୀତା ସଂସ୍କୃତ ଭାଷାର ଶ୍ରେଷ୍ଠତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ମନୋରମା ଖଣ୍ଡା, ଡ. ଆଲିଶା ବିଶାଳ, ଡ. ପ୍ରିୟଦର୍ଶିନୀ ମହାପାତ୍ର, ଡ. ପଙ୍କଜ ମାହାନା ଓ ବିଭାଗର ଛାତ୍ରୀଛାତ୍ର ସଂସ୍କୃତ ସଂକଳ୍ପ ମନ୍ତ୍ରରେ ମନ୍ତ୍ରିତ ହୋଇଥିଲେ।

## ସେବା ନିବୃତ୍ତ କର୍ମଚାରୀ ସଂଘ ପକ୍ଷରୁ ଫଳ ବଣ୍ଟନ

କେନ୍ଦୁଝର,୧୮।୮(ଦୀପକ ମିଶ୍ର)

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓଡ଼ିଶା ବ୍ୟାଙ୍କ ଅଫ୍ ଇଣ୍ଡିଆ ସେବା ନିବୃତ୍ତ କର୍ମଚାରୀ ସଂଘ, ଆନୁକୂଲ୍ୟରେ କେନ୍ଦୁଝର ନରଣପୁରସ୍ଥିତ ପ୍ରୟାସ ବିଦ୍ୟାଳୟରେ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସର୍ବଶ୍ରୀ ରମେଶ ପାଣ୍ଡିଆ, ସରୋଜ ମହାନ୍ତି, ଗୋବିନ୍ଦ ବେହେରା, ଅକ୍ଷୟ ପଟ୍ଟନାୟକ, ପ୍ରଭାକର ବାରିକ, ସୁଧିର ମହାପାତ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ସାମିଲ ଥିଲେ।

## ସଫାହେଉନି କେନ୍ଦୁଝର ସହର ମୁଖ୍ୟରାସ୍ତା

କେନ୍ଦୁଝର,୧୮।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ରାସ୍ତା ଅବସ୍ଥା ସୁଧୁରୁ ନାହିଁ। ରାସ୍ତା ସଫେଇ ଏବଂ ତଦାରଖ ହେଉ ନ ଥିବାରୁ ଅନେକ ସ୍ଥାନରେ ମଇଳା ଆବର୍ଜନା ପଡ଼ି ରହିଛି। ତେବେ ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଚାଷୀ, ବନବାସୀମାନେ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିବେଶରେ ବସି ସାମଗ୍ରୀ ବିକ୍ରି କରୁଛନ୍ତି। ସେହିପରି ଗ୍ରାହକମାନେ ସେଠାରେ ଯିବା ଆସିବା କରିବାକୁ ବାଧ ହେଉଛନ୍ତି। ସେହିପରି ଆଖପାଖରେ ବହୁ ସ୍ଥାୟୀ ଓ ଅସ୍ଥାୟୀ ଦୋକାନ, ହୋଟେଲ, ଲଜ, ନିକଟରେ ମନ୍ଦିର ରହିଥିବାରୁ ସେମାନେ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଠିକ୍ ତଦାରଖ ହେଉ ନ ଥିବାରୁ ଜିଲା ମୁଖ୍ୟାଳୟ ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଛନ୍ତି ଆଇନ୍‌ଜୀବୀ ଦଇତାରୀ ଆପଟ। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବାରୁ ଅସନ୍ତୋଷ ବଢୁଛି। ଏହା ଛଡ଼ା ଠିକ ଭାବରେ ରାସ୍ତା ଓ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ବର୍ଷା ହେଲେ ରାସ୍ତାରେ ପାଣି ଗଡୁଛି।



ମୁଖ୍ୟ ରାସ୍ତାକଡ଼ରେ ଜମା ହୋଇଥିବା ଅଳିଆ।

# ଜଳସେଚନ ବ୍ୟବସ୍ଥାକୁ ଗୁରୁତ୍ୱ

## ପଞ୍ଚାୟତ ସମିତି ବୈଠକ

### ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ କ୍ଷୋଭ

ଛେନାପଦି(ନିରାକାର ପରିଡ଼ା)/ ହାଟଡିହୀ(ଶୁଭକାନ୍ତ ନାୟକ),୧୮।୮

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ନୂତନ ସଭାଗୃହରେ ୭ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ସାମିଲ ହୋଇ ପ୍ରତି ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଥିଲେ। ମାତ୍ର ଅନେକ ବିଭାଗର ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହ ବିଧାୟକ, ବ୍ଲକ୍ ଅଧ୍ୟକ୍ଷା କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ଅଧ୍ୟକ୍ଷତା କରିଥିଲେ। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସ୍ୱତନ୍ତ୍ର ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ




ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ରାଉତ, ଜିଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ଏମ୍‌ପି ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ତହସିଲଦାର ହାବିଲ ଖାକା, ସିଡିପିଓ ଉମାମଣୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିପିଓ ଶରତ ଚନ୍ଦ୍ର ବେଜ ଆଲୋଚନାଚକ୍ର ପାଠ କରିଥିବା ବେଳେ ବ୍ଲକ୍ କୃଷି ଅଧିକାରୀ ଦେବୀ ପ୍ରସନ୍ନ ଖୁଣ୍ଟିଆଙ୍କ ସୂଚନା ଅନୁସାରେ, ହାଟଡ଼ିହୀ ବ୍ଲକ୍‌ରେ ମୋଟ ୨୯ହଜାର ୨ଶହ ହେକ୍ଟର ଚାଷ ଜମିରୁ ଏଯାବତ ୯୨୭ହେକ୍ଟର ବିଲରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ଜଳସେଚନ ଅଭାବରୁ ଚାଷକାମ ବହୁତ ପଛରେ ପଡ଼ିଥିବା କୁହାଯାଇଥିଲା। ଚଳିତବର୍ଷ ଶତକଡ଼ା ୨୦ ପ୍ରତିଶତରୁ ବି କମ ବର୍ଷା କାରଣରୁ ଚାଷକାମ ପାଇଁ ଜଳସେଚନ ବିଭାଗର ତତ୍ପରତା ନ ଥିବା ନେଇ ସରପଞ୍ଚମାନେ କ୍ଷୋଭ ପ୍ରକାଶ କରିଥିଲେ। ଚାଷ ଜମିରେ ପାଣି ମାଡୁ ନଥିବାକୁ ମରୁଡ଼ି ଆଶଙ୍କା ନେଇ ସରପଞ୍ଚ ପ୍ରଶାନ୍ତ ରାଉତ, ଚିନ୍ମୟ ନାୟକ, ଦୀନେଶ ସେଠୀ, ରବୀନ୍ଦ୍ର କୁମାର ଜେନା, ଦିଲ୍ଲୀପ ମଲ୍ଲିକ, ଅନ୍ତର୍ଯ୍ୟାମୀ ଖଣ୍ଡେଇ ପ୍ରମୁଖ ଅଭିଯୋଗ କରିଥିଲେ। ତୁରନ୍ତ ଜଳସେଚନ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ଛେନାପଦୀଠାରୁ ଟୁକୁଣା କେନାଲ ରାସ୍ତାର ନବୀକରଣ ପାଇଁ ସରକାର ଅନେକ କୋଟି ଯୋଗାଇଥିଲେ ସୁଦ୍ଧା ରାସ୍ତାକାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଥିବା ସରପଞ୍ଚ ରବୀନ୍ଦ୍ର ଜେନା ଓ ସୁଲଣ ସରପଞ୍ଚ ପ୍ରତିନିଧି ଦିଲ୍ଲୀପ ମଲ୍ଲିକ ଅଭିଯୋଗ କରିଥିଲେ। ଏଥିସହ ଶିକ୍ଷା, ଜବରଦଖଲ ଉଚ୍ଛେଦ, ଭୂମିହୀନଙ୍କୁ ଘରବାଡ଼ି ପଟ୍ଟା ପ୍ରଦାନ, ହର୍ଟିକଲଚର କାର୍ଯ୍ୟାଳୟ ନେଇ ପ୍ରସ୍ତାବ, ଅଙ୍ଗନୱାଡ଼ି ଗୃହର ଅବ୍ୟବସ୍ଥା ଓ ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା। ସମିତି ସଭ୍ୟାସଭ୍ୟଙ୍କୁ ବ୍ଲକ୍ ପକ୍ଷରୁ ସୂଚନା ଦିଆଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ୍ କର୍ମଚାରୀ ପ୍ରଶାନ୍ତ ସେଠୀ, ଜ୍ୟୋତିରଞ୍ଜନ ମିଶ୍ର, ସୁଦର୍ଶନ ଘଡ଼େଇ, ଭଗବାନ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

